Institute of
Media
Studies
ESTD. 1994

**Institute of Media Studies**
(Affiliated to Utkal University)
Orissa Co-operative Housing Corp. complex
Unit-III, Kharvel Nagar, Bhubajneswar-751001
Tel: 0674 – 2394312, Fax -: 0674 – 2394314
E-mail:iims_bbsar@rediffmail.com, imsodisha@gmail.com
Website: www.imsorissa.org.in


<u>ପ୍ରେସ୍ ଇସ୍ତାହାର</u>

# ଗ୍ରାମାଂଚଳର ଆର୍ଥିକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର ୨୧/୯: ଆଜି ସ୍ଥାନୀୟ ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ଆନୁକୂଲ୍ୟରେ ଗ୍ରାମାଂଚଳର ଅର୍ଥ ବ୍ୟବସ୍ଥା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗ ଦେଇ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ପୂର୍ବତନ ଶାଖା ପ୍ରବନ୍ଧକ ସରୋଜ ଦାସ ତାଙ୍କ ବ୍ୟକ୍ତବ୍ୟରେ ମୁଖ୍ୟତଃ ଭାରତୀୟ ମାନଙ୍କର ଚିନ୍ତାଧାରା ସୁଦୃଢ କରିବା ପାଇଁ ସେ ଦୁବାଇ, ଜାପାନ ଓ ଇସ୍ରାଏଲ୍ ପରି ବିକଶିତ ରାଷ୍ଟ୍ର ମାନଙ୍କର ଉଦାହରଣ ଦେଇ କହିଲେ ଯେ ସେହି ଦେଶମାନଙ୍କର କମ୍ ମାନବ ସମ୍ବଳ ଥାଇ ସାରା ବିଶ୍ୱରେ ସେମାନେ ପ୍ରତିଷ୍ଠିତ ହୋଇପାରିଛନ୍ତି । କିନ୍ତୁ ଭାରତରେ ଏତେ ଜନସଂଖ୍ୟା ଥିବାସତ୍ୱେ ଏହାର ବ୍ୟତିକ୍ରମ ଦେଖାଦେଇଛି । ଏହା କେବଳ ଲୋକମାନଙ୍କ ଚିନ୍ତାଧାରା ଯୋଗୁଁ । ଯଦି ଭାରତର ଗ୍ରାମାଂଚଳର ଲୋକମାନେ ସୁଦୂରପ୍ରସାରି ମାନୋଭାବ ପୋଷଣ କରି ନୂତନ ଚିନ୍ତାଧାରାକୁ ଆପଣେଇବେ ତେବେ କିଛି ବର୍ଷ ମଧ୍ୟରେ ନିଶ୍ଚିତ ଭାବେ ସେମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ ହେବା ସହିତ ଜାପାନ ପରି ଦେଶ ମାନଙ୍କୁ ମଧ୍ୟ ପଛରେ ପକାଇ ଦେଇ ପାରିବ । କାରଣ ଭାରତ ହେଉଛି ସୁନାର ଦେଶ ।

ଏହି ପରିପେକ୍ଷିରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ପ୍ରଶିକ୍ଷଣ ବିଭାଗର ମୁଖ୍ୟ ବରେନ୍ଦ୍ର ରାଣା ଗ୍ରାମାଂଚଳ ପାଇଁ ଉଦ୍ଦିଷ୍ଟ ଅଟଳ ପେନ୍‌ସନ୍ ଯୋଜନା, କୃଷକ ଯୋଜନା, ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଇତ୍ୟଦି ଅନେକ ଯୋଜନା ଉପରେ ଆଲୋକପାତ କରିଥିଲେ । କିପରି ଲୋକମାନେ ବ୍ୟାଙ୍କମାନଙ୍କରୁ ଋଣନେଇ ଏହାର ସଠିକ ଉପଯୋଗ କରି ସ୍ୱାବଲମ୍ବୀ ହୋଇପାରିବେ ତାହା ଏହି ଯୋଜନା ଗୁଡିକର ଲକ୍ଷ୍ୟ ବୋଲି ସେ କହିଥିଲେ । ଅନ୍ୟତମ ବକ୍ତା ରମେଶ ଚନ୍ଦ୍ର ଗିରି ତାଙ୍କର ୩୦ ବର୍ଷର ବିତୀୟ ବ୍ୟବସ୍ଥାର ଅନୁଭୂତି ଛାତ୍ରଛାତ୍ରୀ ମାନଙ୍କ ଆଗରେ ଉପସ୍ଥାପନ କରିଥିଲେ ।

ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ମଧ୍ୟ ଗ୍ରାମାଂଚଳର ଅର୍ଥିକ ବ୍ୟବସ୍ଥା ଉପରେ ନିଜର ମତାମତ ପୋଷଣ କରିଥିଲେ । ଅନୁଷ୍ଠାନର ପ୍ରସାଶନିକ ଅଧିକାରୀ ଶିତେନ୍ଦ୍ର ବଳିଆର ସିଂ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅଧ୍ୟାପିକା ସ୍ନିଗ୍ଧା ଜ୍ୟୋସ୍ନାମୟୀ ଏହି ଅଲୋଚନାଚକ୍ରକୁ ପରିଚାଳନା କରିଥିଲେ । ଏଥିରେ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିଥ ଥିଲେ ।